# NATIONAL NEWS BULLETIN (ODIA)

**15 November- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ମୁମ୍ବାଇ-ଅହମ୍ମଦାବାଦ ଉଚ୍ଚ ଦ୍ରୁତଗାମି ରେଳ କରିଡରର କାର୍ଯ୍ୟକାରୀତା ସମୀକ୍ଷା କଲେ ପ୍ରଧାନମନ୍ତ୍ରୀ ।

- ଅପରାହ୍ଣରେ ଆଜି ଡେଡିଆପଡାଠାରେ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ସମାରୋହରେ  ଯୋଗଦେବା ସହ ବିଭିନ୍ନ ପ୍ରକଳ୍ପର କରିବେ ଶିଳାନ୍ୟାସ ଓ ଉଦ୍‌ଘାଟନ ।

- ଝାଡ଼ଖଣ୍ଡ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ।

- ଜାମ୍ମୁକାଶ୍ମୀର ନୌଗାମ ପୁଲିସ ଷ୍ଟେସନ ବିସ୍ଫୋରଣରେ ୯ଜଣଙ୍କର ମୃତ୍ୟୁ ।

ଏବଂ

- ଇଡେନଗାର୍ଡେନ ଟେଷ୍ଟରେ ଭାରତର ପ୍ରଥମ ଇନିଂସ୍ ୧୮୯ରନ୍‌ରେ ସୀମିତ ।

# ପିଏମ୍ ଗୁଜୁରାଟ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁମ୍ବାଇ-ଅହମ୍ମଦାବାଦ ଉଚ୍ଚ ଦ୍ରୁତଗାମୀ ରେଳ କରିଡରର କାର୍ଯ୍ୟକାରୀତା ନେଇ ସମୀକ୍ଷା କରିଛନ୍ତି । ସୁରଟ ବିମାନବନ୍ଦରରେ ପ୍ରଧାନମନ୍ତ୍ରୀ ଆଜି ପହଞ୍ଚିବା ପରେ ସେଠାରୁ ଅନ୍ତୋଲି ଅଞ୍ଚଳକୁ ଗସ୍ତରେ ଯାଇ ନିର୍ମାଣାଧୀନ ବୁଲେଟ୍ ଟ୍ରେନ୍ ଷ୍ଟେସନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ସେଠାରେ ପ୍ରଧାନମନ୍ତ୍ରୀ ସଂପୃକ୍ତ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ଦେଶର ଏହି ମହତ୍ତ୍ୱାକାଂକ୍ଷୀ ଭିତ୍ତିଭୂମି ପ୍ରକଳ୍ପରେ ମୋଟ୍ ୫୦୮ କିଲୋମିଟର ରେଳପଥ ରହିଛି । ସେଥିରୁ ଗୁଜୁରାଟ, ଦାଦ୍ରା, ନଗରହାବେଲୀ ୩୫୨ କିଲୋମିଟର ଏବଂ ମହାରାଷ୍ଟ୍ରରେ ୧୫୬ କିଲୋମିଟର ରେଳପଥ ରହିଛି । ଏହି ରେଳପଥ ସାବରମତୀ, ଅହମ୍ମଦାବାଦ, ଆନନ୍ଦ, ବଦୋଦରା, ଭରୁଚ୍, ସୁରଟ, ବିଲିମୋରା, ଭାପି, ବୋଇସର, ଭିରାର, ଥାନେ ଏବଂ ମୁମ୍ବାଇ ସମେତ ପ୍ରମୁଖ ସହରଗୁଡ଼ିକୁ ସଂଯୋଗ କରିବ । ଏହି ବୁଲେଟ୍ ଟ୍ରେନ୍ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ମୁମ୍ବାଇ-ଅହମ୍ମାଦାବାଦ ମଧ୍ୟରେ ଯାତ୍ରା ସମୟ ପ୍ରାୟ ୨ ଘଣ୍ଟା ହ୍ରାସ ପାଇବ । ବ୍ୟବସାୟ, ପର୍ଯ୍ୟଟନ ଏବଂ ଅର୍ଥନୈତିକ କାର୍ଯ୍ୟକଳାପ ଏହି ପ୍ରକଳ୍ପ ଦ୍ୱାରା ତ୍ୱରାନ୍ୱିତ ହେବ ।

ପ୍ରଧାନମନ୍ତ୍ରୀଙ୍କର ଗୁଜୁରାଟ ଗସ୍ତ ଅବସରରେ ଆଜି ଆଦିବାସୀ ଅଧ୍ୟୁଷିତ ନର୍ମତା ଜିଲ୍ଲାର ଡେଡିଆପଡା ସହର ପରିଦର୍ଶନ କରିବା ସହ ଭଗବାନ ବିର୍ସା ମୁଣ୍ଡାଙ୍କ ଜନ୍ମବାର୍ଷିକୀ ସମାରୋହରେ ଯୋଗଦେବେ । ଏହି ଅବସରରେ ୯ହଜାର ୭୦୦ କୋଟିରୁ ଅଧିକ ମୂଲ୍ୟର ଭିତ୍ତିଭୂମି ଓ

ବିକାଶ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟସୂଚୀ ରହିଛି ।

## ବିର୍ସା ମୁଣ୍ଡା ଟ୍ରିବ୍ୟୁଟ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଏବଂ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଆଜି ନୂଆଦିଲ୍ଲୀର ସଂସଦ ପରିସରରେ ଧରତୀ ଆବା ଭଗବାନ ବିର୍ସା ମୁଣ୍ଡାଙ୍କୁ ୧୫୦ତମ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ଏକ ସୋସିଆଲ ମିଡ଼ିଓ ପୋଷ୍ଟରେ ରାଷ୍ଟ୍ରପତି କହିଛନ୍ତି ଯେ ତାଙ୍କ ଜନ୍ମବାର୍ଷିକୀ ୨୦୨୧ ମସିହାରୁ ଦେଶବ୍ୟାପୀ ଜନଜାତି ଗୌରବ ଦିବସ ଭାବେ ପାଳନ କରାଯାଉଛି । ଉପରାଷ୍ଟ୍ରପତି କହିଛନ୍ତି ଯେ ଭଗବାନ ବିର୍ସାମୁଣ୍ଡା ଦେଶଭକ୍ତିର ଏକ ଏପରି ଜ୍ୟୋତି ପ୍ରଜ୍ୱଳିତ କରିଛନ୍ତି ଯାହା ଆଗାମୀ ପୀଢ଼ି ପର୍ଯ୍ୟନ୍ତ ଜଳୁଥିବ । ସେ କହିଛନ୍ତି ଯେ ଧରତୀ ଆବା ଏବଂ ଅନ୍ୟ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ବଳିଦାନ ସର୍ବଦା ଅମର ରହିବ । ଲୋକସଭା ଅଧ୍ୟକ୍ଷ ଓମ୍ ବିର୍ଲା କହିଛନ୍ତି ଯେ, ରାଷ୍ଟ୍ରହିତ, ଆଦିବାସୀ ଉତ୍‌ଥାନ ଏବଂ ସ୍ୱାଭିମାନ ପାଇଁ ବିର୍ସା ମୁଣ୍ଡାଙ୍କ ଅଦ୍ୱିତୀୟ ସଂଘର୍ଷ ସମସ୍ତଙ୍କ ପାଇଁ ସର୍ବଦା ପ୍ରେରଣାର ସ୍ରୋତ ହୋଇ ରହିବ ।

ରେଳ ତଥା ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସେ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସମସ୍ତ ଦେଶବାସୀଙ୍କ ଜନଜାତୀୟ ଗୌରବ ଦିବସ ଅବସରରେ ଶୁଭକାମନା ଜଣାଇଛନ୍ତି ।

# ପିଏମ୍-ଝାଡ଼ଖଣ୍ଡ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହା ଆଜି ଝାଡ଼ଖଣ୍ଡର ପ୍ରତିଷ୍ଠା ଦିବସରେ ସେଠାକାର ଲୋକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ଏକ ସୋସିଆଲ ମିଡ଼ିଓ ପୋଷ୍ଟରେ ରାଷ୍ଟ୍ରପତି ମୁର୍ମୁ କହିଛନ୍ତି ଯେ ଭଗବାନ ବିର୍ସା ମୁଣ୍ଡାଙ୍କ ଭୂମିର ପ୍ରତିଭାବାନ ଏବଂ ପରିଶ୍ରମୀ ଲୋକମାନେ ରାଜ୍ୟ ଏବଂ ସମଗ୍ର ଦେଶର ଗୌରବ ବୃଦ୍ଧି କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ ପ୍ରାକୃତିକ ସମ୍ପଦରେ ସମୃଦ୍ଧ ଏହି ରାଜ୍ୟ ଦେଶର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଚାଲିଛି । ରାଷ୍ଟ୍ରପତି କହିଛନ୍ତି ଯେ ଏଠାକାର ଆଦିବାସୀ ସମ୍ପ୍ରଦାୟର ସମୃଦ୍ଧ ଲୋକକଳା ଭାରତ ଏବଂ ବିଦେଶରେ ପ୍ରତିଷ୍ଠାଲାଭ କରିଛି ଏବଂ ଏହି ଭୂମିର ସାହସୀ ଯୋଦ୍ଧାମାନେ ଭାରତ ମାତାଙ୍କ ସେବାର ଉଲ୍ଲେଖନୀୟ ଉଦାହରଣ ହୋଇପାରିଛନ୍ତି ।

ଉପରାଷ୍ଟ୍ରପତି କହିଥିଲେ ଯେ ଏଠିକାର ପରିଶ୍ରମୀ ଲୋକଙ୍କ ଅବଦାନରେ ସମୃଦ୍ଧ ଝାଡ଼ଖଣ୍ଡ ଦେଶର ବିକାଶରେ ଏକ ଅମୂଲ୍ୟ ଭୂମିକା ଗ୍ରହଣ କରିଛି । ସେ ଆହୁରି ମଧ୍ୟ କହିଥିଲେ ଯେ ଭଗବାନ ବିର୍ସା ମୁଣ୍ଡାଙ୍କ ଏହି ଭୂମି ବୀରତ୍ୱ, ସ୍ୱାଭିମାନ ଏବଂ ସମୃଦ୍ଧ ଆଦିବାସୀ ସଂସ୍କୃତିରେ ପରିପୂର୍ଣ୍ଣ । ଏହାର ଗୌରବମୟ ଇତିହାସ ପାଇଁ ଆଜି ଏହି ରାଜ୍ୟ ପ୍ରସିଦ୍ଧିଲାଭ କରିଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଆଦିବସୀ ସଂସ୍କୃତିରେ ସମୃଦ୍ଧ ଭଗବାନ ବିର୍ସା ମୁଣ୍ଡାଙ୍କ ଏହି ପବିତ୍ର ଭୂମି, ସାହସ, ସଂଘର୍ଷ ଏବଂ

ସ୍ୱାଭିମାନର କାହାଣୀରେ ପରିପୂର୍ଣ୍ଣ ଏକ ଇତିହାସ ହୋଇ ରହିଛି । ସେ ରାଜ୍ୟ ଏବଂ ଏହାର ସମସ୍ତ ଲୋକମାନଙ୍କର ନିରନ୍ତର ପ୍ରଗତି ଏବଂ ସମୃଦ୍ଧି ପାଇଁ କାମନା କରିଥିଲେ ।

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ତାଙ୍କ ବାର୍ତ୍ତାରେ କହିଛନ୍ତି ଯେ ସ୍ୱାଧୀନତା ଆନ୍ଦୋଳନଠାରୁ ଆରମ୍ଭ କରି ଜାତୀୟ ଗୌରବ ବୃଦ୍ଧି ପର୍ଯ୍ୟନ୍ତ ପ୍ରତ୍ୟେକ ପ୍ରୟାସରେ ଝାଡ଼ଖଣ୍ଡ ରାଜ୍ୟ ଏକ ଅଗ୍ରଣୀ ରାଜ୍ୟ ଭାବେ ଭୂମିକା ଗ୍ରହଣ କରିଛି । ସେ ଝାଡ଼ଖଣ୍ଡକୁ ପ୍ରାକୃତିକ ସମ୍ପଦ ଏବଂ ଆଦିବାସୀ ଐତିହ୍ୟର ପବିତ୍ର ଭୂମି ଭାବରେ ବର୍ଣ୍ଣନା କରିଛନ୍ତି ।

## ଏମ୍‌ଏଚ୍‌ଏ-ନୌଗାମ

ଜାମ୍ମୁ-କାଶ୍ମୀର ନୌଗାମ ପୁଲିସ ଷ୍ଟେସନ ବିସ୍ଫୋରଣରେ ୯ ଜଣଙ୍କର ମୃତ୍ୟୁ ହୋଇଛି । ଜାମ୍ମୁକାଶ୍ମୀର ପୁଲିସ ମହାନିର୍ଦ୍ଦେଶକ ନଳିନୀ ପ୍ରଭାତ କହିଛନ୍ତି ଗତ ରାତିରେ ଘଟିଥିବା ଏହି ବିସ୍ଫୋରଣରେ ମୃତକଙ୍କ ମଧ୍ୟରେ ରାଜ୍ୟ ତଦନ୍ତକାରୀ ସଂସ୍ଥାର ଜଣେ କର୍ମଚାରୀ, ଫୋରେନ୍‌ସିକ୍ ସାଇନ୍ସ ଲାବୋରେଟୋରୀର ୩ଜଣ, ୨ଜଣ ଫଟୋଗ୍ରାଫର, ୨ଜଣ ରାଜସ୍ୱ ଅଧିକାରୀ ଏବଂ ଜଣେ ଦର୍ଜୀ ଅଛନ୍ତି ।

ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସମ୍ବୋଧନ କରି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଜାମ୍ମୁ-କାଶ୍ମୀର ବିଭାଗର ଯୁଗ୍ମସଚିବ ପ୍ରଶାନ୍ତ ଲୋଖଣ୍ଡେ କହିଛନ୍ତି ଏହି ଘଟଣାରେ ୨୭ଜଣ ପୁଲିସ କର୍ମଚାରୀ, ୨ଜଣ ରାଜସ୍ୱ ଅଧିକାରୀ, ୩ଜଣ ସାଧାରଣ ନାଗରିକ ଆହତ ହୋଇଛନ୍ତି । ସେମାନଙ୍କୁ ତୁରନ୍ତ ଚିକିତ୍ସାଳୟରେ ଭର୍ତ୍ତି

କରାଯାଇଛି । ଆତଙ୍କବାଦୀ କାର୍ଯ୍ୟକଳାପ ନେଇ ତଦନ୍ତ ସମୟରେ ଜବତ କରାଯାଇଥିବା ବିସ୍ଫୋରକ ପଦାର୍ଥ ତଥା ରସାୟନିକ ପଦାର୍ଥର ପ୍ରକ୍ରିୟାକରଣ ଯୋଗୁଁ ଏଭଳି ବିସ୍ଫୋରଣ ଘଟିଥିବା ଆଶଙ୍କା କରାଯାଉଛି ବୋଲି ଶ୍ରୀ ଲୋଖଣ୍ଡେ କହିଛନ୍ତି । ଏହି ବିସ୍ଫୋରକ ସାମଗ୍ରୀ ଗୁଡ଼ିକୁ ପୁଲିସ ଷ୍ଟେସନର ଏକ ଖୋଲା ସ୍ଥାନରେ ରଖାଯାଇଥିଲା । ସେ କହିଛନ୍ତି ପୁଲିସ ଷ୍ଟେସନ ଅଟ୍ଟାଳିକା ଏବଂ ଆଖପାଖର ନିର୍ମିତ ପ୍ରକଳ୍ପ ଗୁରୁତର କ୍ଷତିଗ୍ରସ୍ତ ହୋଇଛି । ଦୁର୍ଘଟଣାର କାରଣ ନେଇ ତଦନ୍ତ କରାଯାଉଛି ବୋଲି ଶ୍ରୀ ଲୋଖଣ୍ଡେ କହିଛନ୍ତି ।

## ଇଣ୍ଡିଆ-ପାରାଗୁଏ

ଭାରତ-ପାରାଗୁଏ ଦ୍ୱିପାକ୍ଷିକ, ଆଞ୍ଚଳିକ, ବହୁପକ୍ଷୀୟ ଏବଂ ବିଶ୍ୱସ୍ତରରେ ସମନ୍ୱିତ ପ୍ରୟାସ ମାଧ୍ୟମରେ ଆତଙ୍କବାଦର ମୁକାବିଲା ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ଆସୁନସିଓନଠାରେ ଅନୁଷ୍ଠିତ ପ୍ରଥମ ଦ୍ୱିପାକ୍ଷିକ ମିଳିତ କମିଶନ ବୈଠକରେ ଉଭୟ ଦେଶ ଏଥିପାଇଁ ସହମତି ପ୍ରକାଶ କରିଛନ୍ତି । ଯେକୌଣସି ପ୍ରକାର ଆତଙ୍କବାଦୀ କାର୍ଯ୍ୟକଳାପ ଆଞ୍ଚଳିକ ତଥା ଅନ୍ତର୍ଜାତୀୟ ଶାନ୍ତି ଏବଂ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଥାଏ । ଉଭୟପକ୍ଷ ସୁରକ୍ଷା ଏବଂ ସାଇବର ସୁରକ୍ଷା କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବାକୁ ରାଜି ହୋଇଛନ୍ତି । ପାରାଗୁଏର ବୈଦେଶିକ ବ୍ୟାପାର ଉପମନ୍ତ୍ରୀ ତଥା

ରାଷ୍ଟ୍ରଦୂତ ଭିକ୍ଟର ଭରଡୁନ୍ ଏବଂ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ପୂର୍ବଭାଗ ସଚିବ ପେରିଆ ସାମୀ କୁମାରନ୍ଙ୍କ ମିଳିତ ଅଧ୍ୟକ୍ଷତାରେ ଗତକାଲି ଏହି ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଛି । ବୈଠକ ଅବସରରେ ଉଭୟ ଦେଶ ଦ୍ୱିପାକ୍ଷିକ ସମ୍ପର୍କର ସାମ୍ପ୍ରତିକ ସ୍ଥିତି ନେଇ ଆଲୋଚନା କରିଛନ୍ତି । ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟନେଇ ନୂତନ ମାର୍ଗ ଉନ୍ମୋଚନ ଉପରେ ମଧ୍ୟ ଉଭୟପକ୍ଷ ମତ ବିନିମୟ କରିଥିବା ଜଣାପଡିଛି । ନବୀକରଣୀୟ ଶକ୍ତି, କୃଷି, ବ୍ୟବସାୟ ଔଷଧ, ଆଇସିଟି, ଜୈବ ଇନ୍ଧନ ଆଦି ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ବାଣିଜ୍ୟ ଓ ନିବେଶ ଅଭିବୃଦ୍ଧି ନେଇ ଉଭୟପକ୍ଷ ଆଲୋଚନା କରିଥିବା ବୈଠକରୁ ଜଣାପଡିଛି ।

## ବିହାର ବିଜେପି ଚିଫ୍

ବିହାର ବିଧାନସଭା ନିର୍ବାଚନରେ ଏନ୍‌ଡିଏର ବିପୁଳ ବିଜୟ ପରିପ୍ରେକ୍ଷୀରେ ବିଜେପିର ରାଜ୍ୟଶାଖା ସଭାପତି ଦିଲ୍ଲୀପ ଜୟସ୍ୱାଲ କହିଛନ୍ତି ସରକାର ଗଠନ ନେଇ ଦଳର କେନ୍ଦ୍ରୀୟ ନେତୃତ୍ୱ ଖୁବ୍‌ଶୀଘ୍ର ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କରିବେ । ଆଗାମୀ ଦୁଇଦିନ ମଧ୍ୟରେ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦିଆଯିବ ବୋଲି ସେ କହିଛନ୍ତି । ବିହାରର ସମସ୍ତ ଜିଲ୍ଲାରେ ଆସନ୍ତାକାଲି ଭୋଟରଙ୍କୁ କୃତଜ୍ଞତା ଜଣାଇବା ଲକ୍ଷ୍ୟ ନେଇ

ଧନ୍ୟବାଦ ଶୋଭାଯାତ୍ରାର ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ସେ କହିଛନ୍ତି । ଏନ୍‌ଡିଏର ସହଯୋଗୀ ଦଳଗୁଡ଼ିକ ସେମାନଙ୍କର ବିଧାୟକଙ୍କର ପୃଥକପୃଥକ୍ ବୈଠକ କରିବେ ଏବଂ ଦଳପକ୍ଷରୁ ନେତା ନିର୍ବାଚନ କରିବା ପରେ ମେଣ୍ଟର ମିଳିତ ବୈଠକରେ ମୁଖ୍ୟମନ୍ତ୍ରୀ ପଦବୀ ନେଇ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

## ନଡ୍ଡା-ଅମ୍ରିତ ୧୦ ଇୟର୍ସ

ଚିକିତ୍ସା ପାଇଁ ସୁଲଭ ଔଷଧ ଏବଂ ନିର୍ଭରଯୋଗ୍ୟ ପ୍ରତିରୋପଣ (ଅମ୍ରିତ) ପଦକ୍ଷେପ ଆଜି ୧୦ବର୍ଷ ପୂରଣ କରିଛି । ନୂଆଦିଲ୍ଲୀରେ ଅମ୍ରିତର ଦଶମ ବାର୍ଷିକୀ ସମାରୋହରେ ଉଦ୍‌ବୋଧନ ଦେଇ କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା କହିଛନ୍ତି ଯେ ଏହି କାର୍ଯ୍ୟକ୍ରମ ଗତ ୧୦ ବର୍ଷ ମଧ୍ୟରେ ରୋଗୀମାନଙ୍କୁ ପ୍ରାୟ ୮ହଜାର ୫୦୦ କୋଟି ଟଙ୍କା ସଞ୍ଚୟ କରିବାରେ ସାହାଯ୍ୟ କରିଛି । ସେ ଉଲ୍ଲେଖ କରିଛନ୍ତି ଯେ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକରେ ୨୫୫ ଅମ୍ରିତ ଫାର୍ମାସୀ ଅଛି, ଯେଉଁଠାରେ ସର୍ବାଧିକ ଖୁଚୁରା ମୂଲ୍ୟରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ରିହାତିରେ ଔଷଧ, ପ୍ରତିରୋପଣ, ଶଲ୍ୟ ଚିକିତ୍ସା ନିଷ୍କ୍ରିୟ ସାମଗ୍ରୀ ଏବଂ ଅନ୍ୟାନ୍ୟ ବ୍ୟବହାରଯୋଗ୍ୟ ସାମଗ୍ରୀ ସମେତ ୬ହଜାର ୫୦୦ରୁ ଅଧିକ ଉତ୍ପାଦ ପ୍ରଦାନ କରାଯାଉଛି ।

# କୋଲକାତା ଟେଷ୍ଟ କ୍ରିକେଟ

କୋଲକାତା ଇଡେନଗାର୍ଡେନ ଟେଷ୍ଟରେ ଭାରତ ପ୍ରଥମ ଇନିଂସ୍‌ରେ ୧୮୯ରନ୍ ସଂଗ୍ରହ କରିଛି । ଗତକାଲିର ସ୍କୋର ୧ ଓ୍ୱିକେଟ୍‌ରେ ୩୭ରନ୍‌ରୁ ଭାରତ ଆଜି ତା'ର ବ୍ୟାଟିଂ ଆରମ୍ଭ କରିଥିଲା । ଭାରତ' ଦକ୍ଷିଣ ଆଫ୍ରିକାର ପ୍ରଥମ ଇନିଂସ ସ୍କୋରଠାରୁ ୩୦ ରନ୍ ଆଗୁଆ ରହିଛି । ଭାରତପକ୍ଷରୁ କେ.ଏଲ୍. ରାହୁଲ ସର୍ବାଧିକ ଅଣଚାଳିଶ ରନ୍ କରିଥିବାବେଳେ ଅଧିନାୟକ ଶୁଭମନ ଗିଲ୍ ମାତ୍ର ୪ ରନ୍‌ରେ ରିଟାୟର୍ଡ ହର୍ଟ ହୋଇ ପ୍ୟାଭିଲିୟନକୁ ଫେରିଯାଇଥିଲେ ।

ଦକ୍ଷିଣ ଆଫ୍ରିକା ତା'ର ପ୍ରଥମ ଇନିଂସ୍‌ରେ ଗତକାଲି ସମସ୍ତ ଓ୍ୱିକେଟ୍ ହରାଇ ୧୫୯ରନ୍ ସଂଗ୍ରହ କରିଥିଲା । ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍‌ରା ୫ଟି ଓ୍ୱିକେଟ୍ ଅକ୍ତିଆର କରିଥିଲେ ।